ସମ୍ପାଦକୀୟ
24 YEARS
ସମ୍ବାଦ କଳିକା

ଭାରତର ଅର୍ଥନୀତି ଦ୍ରୁତ ବିକଶିତ !

ଭାରତର ଆର୍ଥିକ ସ୍ଥିତିକୁ ନେଇ ସଂପ୍ରତି ବିଶ୍ୱ ବ୍ୟାଙ୍କ ଦେଇଥିବା ତଥ୍ୟକୁ ନେଇ ଆଲୋଚନା ଜାରି ରହିଛି । ବିଶ୍ୱ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରୁଥିବା ଭାରତ ଆଗାମୀ ଦିନରେ ବିଶ୍ୱର ଅର୍ଥନୈତିକ ଶକ୍ତି ହେବ । ବିଶ୍ୱ ବ୍ୟାଙ୍କର ଆର୍ଥିକ ରିପୋର୍ଟରେ ଭାରତକୁ ପୃଥିବୀର ଦ୍ରୁତ ବିକଶିତ ଅର୍ଥବ୍ୟବସ୍ଥା ଭାବେ ଦର୍ଶାଯାଇଛି । ଦେଶରେ ବିକାଶ ଦର ୨୦୧୮-୧୯ ଆର୍ଥିକ ବର୍ଷରେ ୭.୩ ପ୍ରତିଶତ ରହିବ ବୋଲି ବିଶ୍ୱ ବ୍ୟାଙ୍କ ପ୍ରକାଶ କରିଛି । ଆଗାମୀ ଦିନରେ ଭାରତ ଚାଇନାର ଅଭିବୃଦ୍ଧି ହାରକୁ ଟପିବ ବୋଲି ଏହି ରିପୋର୍ଟରେ କୁହାଯାଇଥିବା ବେଳେ ୨୦୧୭ ଅକ୍ଟୋବରରେ ବିମୁଦ୍ରୀକରଣ ଯୋଗୁ ଭାରତ ବିକାଶ ହାରରେ ବାଧା ସୃଷ୍ଟି ହୋଇଥିଲା ବୋଲି ବିଶ୍ୱବ୍ୟାଙ୍କ ରିପୋର୍ଟରେ ପ୍ରକାଶ ପାଇଛି ।

ଅପରପକ୍ଷରେ ଷ୍ଟାଣ୍ଡାର୍ଡ ଚାଟାର୍ଡ ପକ୍ଷରୁ ଆକଳନ କରାଯାଇଛି ଯେ, ବିଶ୍ୱର ୧୦ଟି ବଡ ଅର୍ଥନୀତି ମଧ୍ୟରେ ୭ଟି ଉଦୀୟମାନ ଦେଶ ରହିବେ । ଏହି ସମୟସୁଦ୍ଧା ଭାରତର ଅର୍ଥନୀତି ଦ୍ରୁତ ବିକଶିତ ହେବ । କ୍ରୟ ଶକ୍ତି ସମତା ବିନିମୟ ହାର ଏବଂ ଜିଡିପିର ମୂଲ୍ୟକୁ ବିଚାରକୁ ନେଇ ଏହି ଆକଳନ କରାଯାଇଛି । ଏହି ସମୟ ମଧ୍ୟରେ ବିଶ୍ୱର ୫ଟି ବଡ ଅର୍ଥନୀତି ମଧ୍ୟକୁ ଇଣ୍ଡୋନେସିଆ ପ୍ରବେଶ କରିବ । ତେବେ ଭାରତ ଆମେରିକାକୁ ଟପି ଏହି ସମୟ ମଧ୍ୟରେ ବିଶ୍ୱର ଦ୍ୱିତୀୟ ବୃହତ୍ତ ଅର୍ଥନୀତି ହେବାର ସମ୍ଭବନା ରହିଛି । ଷ୍ଟାଣ୍ଡାର୍ଡ ଚାଟାର୍ଡର ଅର୍ଥନୀତିଜ୍ଞ ଡେଭିଡ ମାନ୍ ଏହି ଆକଳନ କରିଛନ୍ତି । ୨୦୨୦ ସୁଦ୍ଧା ଚୀନ ଆମେରିକାକୁ ଟପି ବିଶ୍ୱର ବଡ ଅର୍ଥନୀତି ହେବ । ସେହିପରି ୨୦୨୦ ସୁଦ୍ଧା ଭାରତର ଅଭିବୃଦ୍ଧି ହାର ୭.୮ ପ୍ରତିଶତକୁ ବୃଦ୍ଧି ପାଇବ ଏବଂ ୨୦୩୦ ସୁଦ୍ଧା ଚୀନର ଅଭିବୃଦ୍ଧି ହାର ୫ ପ୍ରତିଶତକୁ କମିବ ।

ଆଉ ଏକ ଦୃଷ୍ଟିକୋଣରୁ ଦେଖିଲେ ଦେଶର ଆର୍ଥିକ ସ୍ଥିତିକୁ ନେଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ତଥ୍ୟ ପ୍ରକାଶ ପାଇଆସୁଛି । ବିକାଶ ଦର ହେଉ ବା ବିଭିନ୍ନ ସାମଗ୍ରୀର ମୂଲ୍ୟକୁ ନେଇ ହେଉ, ପ୍ରତ୍ୟେକଟି କ୍ଷେତ୍ରରେ ପ୍ରକୃତ ସମସ୍ୟାକୁ ଏଡାଇ ଦେଇ ଏକ ଭୁଲ୍ ତଥ୍ୟ ସାଧାରଣରେ ପ୍ରକାଶ କରାଯାଉଛି । ମଧ୍ୟ-ବର୍ଷୀୟ ଆର୍ଥିକ ସର୍ବେକ୍ଷଣ ରିପୋର୍ଟରୁ ଜଣାପଡିଛି ଯେ, ନିକଟରେ ଶେଷ ହୋଇଥିବା ତ୍ରୟମାସିକିରେ ଜିଡିପି ବିକାଶ ଦରରେ ତୀବ୍ର ହ୍ରାସ ପାଇଛି । ଏହା ଆର୍ଥିକ ବର୍ଷ ୨୦୧୬-୧୭ର ଚତୁର୍ଥ ତ୍ରୟମାସିକିରେ ୬.୧ ପ୍ରତିଶତ ହ୍ରାସ ପାଇ ୫.୭ ପ୍ରତିଶତରେ ପହଞ୍ଚିଛି । ଏହା ତିନିବର୍ଷରେ ସବୁଠାରୁ ନିମ୍ନସ୍ତରରେ ପହଞ୍ଚିଛି । ମାନୁଫାକ୍ଚରିଂର ବିକାଶ ଦର ୧.୨ ପ୍ରତିଶତ ହିଁ ରହିଛି ଯାହାକି ଗତ ବର୍ଷ ଏହି ସମୟରେ ୧୦.୭ ପ୍ରତିଶତ ଠାରୁ ବହୁ କମ୍ ଥିଲା । ସର୍ବେକ୍ଷଣ ଅନୁସାରେ ସକଳ ଘରୋଇ ଉତ୍ପାଦର ବିକାଶ ଦର ଲକ୍ଷ୍ୟ ୬.୭୫ ପ୍ରତିଶତରୁ ୭.୫ ପ୍ରତିଶତ ପ୍ରାପ୍ତ କରିପାରିବ ନାହିଁ । ସର୍ବେକ୍ଷଣରେ ଜିଡିପି, ଔଦ୍ୟୋଗିକ ଉତ୍ପାଦକ ସୂଚକାଙ୍କ, ପୁଞ୍ଜିନିବେଶ ଭଳି ଅନେକ ସଙ୍କେତ ୨୦୧୬-୧୭ର ପ୍ରଥମ ତ୍ରୟମାସିକିରୁ ତୃତୀୟ ତ୍ରୟମାସିକି ପର୍ଯ୍ୟନ୍ତ ବାସ୍ତବିକ ଗତିବିଧିରେ ଆସିଥିବା ହ୍ରାସକୁ ସ୍ପଷ୍ଟ ଇଙ୍ଗିତ କରୁଥିଲା । ଏହି ସର୍ବେକ୍ଷଣ ଏହାକୁ ମଧ୍ୟ ସ୍ପଷ୍ଟ କରିଥିଲା ଯେ, ନୋଟ୍‌ବନ୍ଦୀ ଧିମା ଅର୍ଥ ବ୍ୟବସ୍ଥା ଉପରେ ଘାତକ ପ୍ରହାର କରିଥିଲା । ସର୍ବେକ୍ଷଣ କୃଷି ଅର୍ଥ ବ୍ୟବସ୍ଥାର ଗମ୍ଭୀର ବାସ୍ତବତାକୁ ଉଜାଗର କରିବା ସହିତ ଏହି ପ୍ରଶ୍ନ ମଧ୍ୟ ସୃଷ୍ଟି କରିଛି ଯେ, ପର୍ଯ୍ୟାପ୍ତ ବର୍ଷା ଓ ଉତ୍ତମ ଫସଲ ସତ୍ତ୍ୱେ ଦେଶରେ କୃଷି ସଂକଟ କାହିଁକି ? ଏହା ଗତ ୩ବର୍ଷରେ କୃଷି କ୍ଷେତ୍ରର ଭୁଲ୍ ପରିଚାଳନାର ଫଳାଫଳ । ନୋଟ୍‌ବନ୍ଦୀ କୃଷକମାନଙ୍କର ଆମଦାନୀ ଉପରେ ବହୁମାତ୍ରାରେ ପ୍ରଭାବ ପକାଇଛି ଓ ଏହାର ପରିଣାମସ୍ୱରୂପ ଚାହିଦାରେ ହ୍ରାସ ଓ ଖାଦ୍ୟ ଓ ମୂଲ୍ୟରେ ରେକର୍ଡ ପରିମାଣର ହ୍ରାସ ଦେଖାଦେଇଛି । ଫଳ ଏଇଆ ହେଲା ମୁଦ୍ରାସ୍ଫୀତିରେ ଆରବିଆଇର ଧାର୍ଯ୍ୟଲକ୍ଷ୍ୟ ତଳେ ପ୍ରକୃତ ସ୍ଥିତି ରହିଲା । ଏଇଥି ପାଇଁ ଅର୍ଥ ବ୍ୟବସ୍ଥା ମାନ୍ଦା ଅବସ୍ଥା ଆଡକୁ ଗତି କରୁଛି । ଯେଉଁଥିରେ ଚାଷୀ ଓ ଅନୌପଚାରିକ ଅର୍ଥ ବ୍ୟବସ୍ଥା ଉପରେ ନିର୍ଭର କରୁଥିବା ବ୍ୟକ୍ତିବିଶେଷ ନିଜର ସୀମିତ କ୍ରୟ ଶକ୍ତି ହରାଇ ସାରିଲେଣି । ଏଭଳି ସ୍ଥିତିରେ ଯେତେବେଳେ ପଶୁପାଳନ କୃଷି ଆୟ ବୃଦ୍ଧି ପାଇଁ ପ୍ରକୃଷ୍ଟ ବିକଳ୍ପ ସାବ୍ୟସ୍ତ ହୋଇଥାନ୍ତା ସେତେବେଳେ ସରକାରଙ୍କ ନୀତି ଯୋଗୁ ପଶୁପାଳନରୁ ହେବାକୁ ଥିବା ଲାଭ ଉପରେ ବହୁମାତ୍ରାରେ ପ୍ରଭାବ ପଡିବ । ପଶୁ ବଧ ଉପରେ କଟକଣା ଯୋଗୁ ସମ ସଂଘନ କ୍ଷେତ୍ର ଚମଡା ଉଦ୍ୟୋଗ ବହୁମାତ୍ରାରେ ସଂକଟ ଭିତରେ ରହିଛି । ଆର୍ଥିକ ସର୍ବେକ୍ଷଣ ଦୁଇଚକିଆ ଯାନର ବିକ୍ରିରେ ଦେଖାଦେଇଥିବା ହ୍ରାସକୁ ଅପ୍ରତ୍ୟକ୍ଷ ସଙ୍କେତ ମନେ କରି ଦର୍ଶାଇଥିଲା ଯେ, ନୋଟ୍‌ବନ୍ଦୀ ଅନୌପଚାରିକ କ୍ଷେତ୍ରକୁ କିଭଳି ଭାବେ ନଷ୍ଟ କରିବାର କାର୍ଯ୍ୟ କରିଛି । ପ୍ରବାସୀ ଶ୍ରମିକଙ୍କ ଆୟ ସୁନିଶ୍ଚିତ କରୁଥିବା ନିର୍ମାଣ କ୍ଷେତ୍ରକୁ ମଧ୍ୟ ଏହା ବହୁ ପରିମାଣରେ ପ୍ରଭାବିତ କରିଛି ଓ ଚାଷୀ ଶ୍ରମିକ ବହୁ ସଂଖ୍ୟାରେ ନିଜର ଗାଁ ଆଡକୁ ଲେଉଟିଛନ୍ତି । ଯେଉଁଠାରେ ମନରେଗା ହିଁ ସେମାନଙ୍କର ଏକମାତ୍ର ସାହାରା ପାଲଟିଛି । ଏହି ଭଳି ଭାବେ ଏହି ସର୍ବେକ୍ଷଣ ବିରୋଧୀଙ୍କ ଏହି ତର୍କକୁ ସମର୍ଥନ କରୁଥିବା ଦେଖାଯାଇଛି ଯେ, ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ଦ୍ୱାରା ମନରେଗା ପାଇଁ କରିଥିବା ରେକର୍ଡ ଆବଣ୍ଟନ ଗାଁକୁ ଫେରିଥିବା ବିସ୍ଥାପିତ ଶ୍ରମିକ ଓ ସେମାନଙ୍କ ଦ୍ୱାରା ନିଜର ସାମାଜିକ ବୀମାର ଅଧିକାରର ପ୍ରୟୋଗ କରିଥିବାର ଦର୍ଶାଉଛି । ଦେଶ ବର୍ତ୍ତମାନ ସୁଦ୍ଧା ସଂପୂର୍ଣ୍ଣ ରୂପେ ନୋଟ୍‌ବନ୍ଦୀରୁ ରକ୍ଷା ପାଇନାହିଁ କିନ୍ତୁ ବସ୍ତୁ ଓ ସେବାକର ଅର୍ଥାତ୍ ଜିଏସ୍‌ଟିକୁ ତରବରିଆ ଭାବେ ଲାଗୁ କରି ଅଣସଂଗଠିତ କ୍ଷେତ୍ରକୁ କ୍ଷତି ପହଞ୍ଚାଗଲା । ଅଣସଂଗଠିତ କ୍ଷେତ୍ରର ଅର୍ଥ ବ୍ୟବସ୍ଥାର ୫୦ ପ୍ରତିଶତ ଅଂଶ ରହିଛି । ଜିଏସ୍‌ଟି ପ୍ରଥମରୁ ହିଁ ଦୁଃସ୍ଥ ଓ ଋଣ ଭାରରେ ରହିଥିବା ଅନୌପଚାରିକ ବିନିର୍ମାଣ କ୍ଷେତ୍ରକୁ ନଷ୍ଟ କରିବାର କାର୍ଯ୍ୟ କରୁଛି ଓ ପରିଣାମ ସ୍ୱରୂପ ବହୁ ସଂଖ୍ୟାରେ ଛଟେଇ ହୋଇଛି । ଅର୍ଥ ବ୍ୟବସ୍ଥାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଚାକିରି । କିନ୍ତୁ ଆମେ ରୋଜଗାରର ସୁଯୋଗ କମ୍ ହେଉଥିବାର ଦେଖୁଛୁ । ସେଣ୍ଟର ଫର ମନିଟରିଂ ଅଫ୍ ଇଣ୍ଡିଆନ୍ ଇକୋନୋମିକ୍ ରିପୋର୍ଟ ଅନୁଯାୟୀ ଜାନୁଆରୀ ୨୦୧୮ରୁ ଅପ୍ରେଲ ୨୦୧୮ ମଧ୍ୟରେ ୧୫ ଲକ୍ଷ ଲୋକେ ଚାକିରି ହରାଇଛନ୍ତି । ବର୍ଷକୁ ଦୁଇ କୋଟି ଚାକିରି ସୃଷ୍ଟି କରିବାର ନିଜର ପ୍ରତିଶ୍ରୁତିକୁ ଅଣଦେଖା କରି କେନ୍ଦ୍ର ସରକାର ଚାକିରି ମାଗୁଥିବା ବ୍ୟକ୍ତିଙ୍କୁ ଚାକିରି ସୃଷ୍ଟି କରିବାର ପରାମର୍ଶ ଦେଉଛନ୍ତି । ଯଦି ଅନ୍ତରାଷ୍ଟ୍ରୀୟ ଉଦାହରଣ ଦେଖିବା ତେବେ ବିକଶିତ ରାଷ୍ଟ୍ରରେ ସ୍ୱ ରୋଜଗାର ମୋଟ ରୋଜଗାରର ପ୍ରାୟ ୧୫ ପ୍ରତିଶତ । ଅଧିକାଂଶ ଭାରତୀୟ ନିଜର ଆବଶ୍ୟକତା ଯୋଗୁ ସ୍ୱରୋଜଗାରରେ ଲାଗିଛନ୍ତି । ନରେନ୍ଦ୍ର ମୋଦି ମୁଦ୍ରା ଋଣ ଯୋଜନା ଦ୍ୱାରା ରୋଜଗାର ସୃଷ୍ଟି କରିବା ପାଇଁ ଜୋରଦାର ପରାମର୍ଶ ଦେଇଛନ୍ତି । କିନ୍ତୁ ମୁଦ୍ରା ଯୋଜନାର ସିଇଓ ହିଁ ଏହି ଦାବିକୁ ସ୍ପଷ୍ଟ କରିବା ପାଇଁ ଅଗ୍ରାହ୍ୟ କରିଛନ୍ତି । ଏହା ଚିନ୍ତାର ବିଷୟ ଯେ, ସରକାର ଯେଉଁ କଥାକୁ ଆମକୁ ମାନିବା ପାଇଁ ବାଧ୍ୟ କରୁଛନ୍ତି ଏହାର ବିପରୀତ ଅର୍ଥ ବ୍ୟବସ୍ଥା ରସାତଳରେ ଯାଇ ପହଞ୍ଚିଲାଣି । ଏହା ମାନ୍ଦାବସ୍ଥା ସ୍ଥିତିରେ ପହଞ୍ଚି ସାରିଲାଣି । ବ୍ୟାଙ୍କ ଋଣ ଦେଉନାହିଁ । ମାର୍ଚ୍ଚ ୨୦୧୭ରେ ଶେଷ ହୋଇଥିବା ବର୍ଷରେ କ୍ରେଡିଟ୍ ବୃଦ୍ଧି ବିଗତ ୬୦ବର୍ଷର ନ୍ୟୁନ୍‌ତମ ୫ ପ୍ରତିଶତରେ ଆସି ପହଞ୍ଚିଛି । ଘରୋଇ କ୍ଷେତ୍ର ଉଧାର ଦେଉନାହିଁ ଓ ବିନିର୍ମାଣ କ୍ଷେତ୍ରରେ କ୍ଷମତା ଉପଯୋଗ ୭୦ ପ୍ରତିଶତର ଐତିହାସିକ ନିମ୍ନସ୍ତରରେ ରହିଛି । ଯେପର୍ଯ୍ୟନ୍ତ ସରକାର କମ୍ପାନୀ ଓ ବ୍ୟାଙ୍କ ସହିତ ସଂପୃକ୍ତ ଏହି ଦ୍ୱୈତ ସମସ୍ୟାକୁ ଦୂର କରିବେ ନାହିଁ ସେ ପର୍ଯ୍ୟନ୍ତ ଋଣ ଉଠାଣ ନା ବଢିବ ନା ପୁଞ୍ଜିନିବେଶ ବଢିବ । ବ୍ୟାଙ୍କ ଋଣ ଅର୍ଥ ବ୍ୟବସ୍ଥାରେ ରକ୍ତର ଭୂମିକା ଗ୍ରହଣ କରିଥାଏ । କିନ୍ତୁ ସରକାରୀ ନିଷ୍କ୍ରିୟତା ପୁଞ୍ଜିନିବେଶକୁ ଠପ୍ କରିଦେଇଛି । ମାର୍ଚ୍ଚ ୨୦୧୪ରେ ବ୍ୟାଙ୍କର ମୋଟ ଫଶି ରହିଥିବା ଋଣ ୧, ୭୩, ୮୦୦୦ କୋଟି ଟଙ୍କା ଥିଲା । ଯାହା ଏବେ ବୃଦ୍ଧି ପାଇଁ ପ୍ରାୟ ୭, ୭୯, ୧୬୩ କୋଟି ଟଙ୍କା ହୋଇ ସାରିଲାଣି । ଏହାକୁ ହ୍ରାସ କରିବା ବଦଳରେ ସରକାର ବିଦେଶୀ ନିବେଶକୁ ବୃଦ୍ଧି କରିବା ଓ ଆରବିଆଇ ଉପରେ ସୁଧ ଦରରେ କାଟ ପାଇଁ ଚାପ ପକାଉଛନ୍ତି । ଯାହାର ସେଭଳି କୌଣସି ଭଲ ଫଳାଫଳ ବାହାରିବ ନାହିଁ ।

କର୍ମ ନିପୁଣତା ହିଁ ଯୋଗ-୨

ମନ ଓ ବଚନକୁ ଏକାକାର କର, ସବୁକିଛି ପାଇବ



ଦ୍ୱାରିକା ମୋହନ ମିଶ୍ର
ଗଜପତି ନଗର
ସୈନିକ ସ୍କୁଲ,
ଭୁବନେଶ୍ୱର-୫
ମୋ : ୯୪୩୭୦୬୦୭୦୩



ମାଷ୍ଟର ସବୁବେଳେ କହୁଥିଲେ ଯେ ତିନି ଆସକ୍ତି ମିଶି ଗୋଟିଏ ହୋଇଗଲେ ଈଶ୍ୱରରୋପାଲବ୍ଧି ସମ୍ଭବ ହୁଏ । ଅର୍ଥାତ୍, ଯେତେବେଳେ ଜଣେ ସତୀସାଧ୍ୱୀ ସ୍ତ୍ରୀର ତା ସ୍ୱାମୀ ପାଇଁ ଥିବା ଆସକ୍ତି, ଜଣେ ଜନନୀର ତାର ଶିଶୁ ସନ୍ତାନ ପ୍ରତି ଥିବା ଆସକ୍ତି ଏବଂ ଜଣେ ଧନୀକ କୃପଣ ବ୍ୟକ୍ତିର ତାର ଧନ ପ୍ରତି ଥିବା ଆସକ୍ତି-ଏହି ତିନି ଆସକ୍ତିର ମିଶ୍ରିତ ଶକ୍ତି ସହ କେହି ଈଶ୍ୱରଙ୍କୁ ଭଲ ପାଏ, ତାହାହେଲେ ସେ ଈଶ୍ୱରଙ୍କୁ ପାଇବା ନିଶ୍ଚିତ ହୋଇଯାଏ । ପୁରୁଷ ଓ ପ୍ରକୃତି ତତ୍ତ୍ୱ ଏବଂ ସୃଷ୍ଟିର କାରଣ ସମ୍ପର୍କରେ ମାଷ୍ଟର କହନ୍ତି, 'ଏହି ପ୍ରକଟିତ ବିଶ୍ୱବ୍ରହ୍ମାଣ୍ଡ ବାସ୍ତବ ଏବଂ ପୁନଶ୍ଚ ଅପ୍ରକଟିତ ବ୍ରହ୍ମାଣ୍ଡ ମଧ୍ୟ ସତ୍ୟ । ପୁରୁଷ (ଚେତନା ନିୟମ) ସତ୍ୟ ଅଟେ ଏବଂ ପ୍ରକୃତି (ଅଚେତନ ନିୟମ) ମଧ୍ୟ ସତ୍ୟ ଅଟେ । ତାଙ୍କ ମତରେ ବ୍ରହ୍ମ ଓ ଶକ୍ତି ଅଗ୍ନି ଓ ତାର ଜ୍ୱଳନ ଶକ୍ତି ପରି ଏକାକାର ।

ତତ୍କାଳୀନ ବ୍ରାହ୍ମୋ ସମାଜର ପ୍ରଖ୍ୟାତ ଶ୍ରୀ କେଶବଚନ୍ଦ୍ର ସେନ୍‌ଙ୍କୁ ସେ କହିଲେ : 'ମୋର ସନ୍ଦେଶ ପ୍ରସାର କରିବା ପାଇଁ କୌଣସି ଉଦ୍ୟମ କରନାହିଁ । ଏ ଶରୀର ମଧ୍ୟରେ ଥିବା ଶକ୍ତି ଓ କଳ୍ପନା ସମୟକ୍ରମେ ସ୍ୱତଃ ସର୍ବତ୍ର ବ୍ୟାପ୍ତ ହେବ । ଶହ ଶହ ହିମାଳୟ ସେ ଶକ୍ତିକୁ ଦମନ କରି ରଖିବାରେ ସମର୍ଥ ହେବ ନାହିଁ ।' ଥରେ ସେ କହିଥିଲେ, ଯଦି କେହି ଈଶ୍ୱରଙ୍କୁ ସ୍ମରଣ କରିବାରେ ବିଫଳ ହୁଏ, 'ସେ ମୋତେ ସ୍ମରଣ କଲେ ଯଥେଷ୍ଟ ହେବ ।' ତାଙ୍କ କରୁଣା ଲାଭ କରି ଅନେକ ସାଧାରଣ ଲୋକ ବ୍ରହ୍ମ-ଜ୍ଞାନର ମହାନ୍ ସତ୍ତାରେ ରୂପାନ୍ତରିତ ହୋଇଯାଇଥିଲେ । ସବୁ ଧର୍ମର ଅନୁଗାମୀମାନଙ୍କୁ ଉତ୍ସାହିତ କରିବା ପାଇଁ ସେ ଘୋଷଣା କରିଥିଲେ : 'ଯତୋ ମତ ତତୋ ପଥ' । ସେ ନିଜେ ବିଭିନ୍ନ ଧର୍ମ ପଥର ଶୃଙ୍ଖଳାବଦ୍ଧ ହୋଇ ଅନୁଭବ କରିଥିଲେ ଯେ, ସବୁ ପଥ ସେହି ସମାନ ଗୋଟିଏ ସତ୍ୟ ଆଡକୁ କଢାଇ ନେଇଥାନ୍ତି । ଆଧାତ୍ମିକ ଅନୁଭୂତିର ବିଭିନ୍ନ ପର୍ଯ୍ୟାୟ ଦେଇ ଗତିକରିଥିବା ସମ୍ପର୍କରେ ସେ କହିଥିଲେ ଯ: 'ହନୁମାନ ରାମଙ୍କୁ କହିଲେ, 'ହେ ପ୍ରଭୁ ମୁଁ ନିଜକୁ ଶରୀର ସହିତ ଚିହ୍ନଟ କରୁଥିବା ବେଳେ ମୁଁ ତ ପୁଣି ଆପଣଙ୍କ ସେବକ । ମୁଁ ଯେତେବେଳେ ନିଜକୁ ଏକ ସ୍ୱତନ୍ତ୍ର ଆତ୍ମା ରୂପେ ବିଚାର କରେ ମୁଁ ଆପଣଙ୍କର ଅଂଶବିଶେଷ, ପୁଣି ଯେତେବେଳେ ନିଜକୁ ଜଣେ ବ୍ୟକ୍ତି ରୂପେ ବିଚାରକଲେ, ମୁଁ ଆପଣଙ୍କ ସହିତ ଜଣେ ହୋଇରହିଛି ।

ସମସ୍ତ ଚିନ୍ତା ଓ କଳ୍ପନା ବାହାରେ ଥିବା ଏକ ଅବସ୍ଥାରେ ଅନୁଭୂତି ମାଷ୍ଟରଙ୍କର ଅନୁଭୂତ ହେବାରେ ଲାଗିଲା । ସେ ଅବସ୍ଥା ନାମ ଓ ରୂପ, ଭାଷା ଓ ମନକୁ ଅତିକ୍ରମ କରି ଯାଇଥାଏ । ତାହା ପ୍ରକୃତି ରାଜ୍ୟର ସେପାରେ ଅଦ୍ୱିତୀୟ କେବଳ 'ଏକ'ର ସ୍ଥିତି । ସେହି ଅଦ୍ୱିତୀ ରାଜ୍ୟରେ ଅଧ୍ୟାରୋପଣ ତତ୍ତ୍ୱ ବା ସର୍ଜନାହୀନତା ତତ୍ତ୍ୱରୟ ସ୍ଥାନ କାହିଁ ? ତଥାପି ସମସ୍ତ ତତ୍ତ୍ୱ ଅଧ୍ୟାରୋପଣ ହେଉ, ସର୍ଜନାହୀନତା ହେଉ ବା ରୂପାନ୍ତରଣତା ତତ୍ତ୍ୱ ହେଉ-ତାଙ୍କରି ଠାରୁ ଉତ୍ପତ୍ତି ହୋଇଥାନ୍ତି । ସେ ହିଁ ଏକମାତ୍ର ବାସ୍ତବତା, ମହାସତ୍ୟ । ଏବଂ ପୁନଶ୍ଚ, ସେ ହିଁ ସମସ୍ତ ବ୍ୟକ୍ତି ସତ୍ତା ଓ ବିଶ୍ୱ ବ୍ରହ୍ମାଣ୍ଡର ମୂଳ ଉତ୍ସ । ଯଦି ତାଙ୍କୁ କେହି ଭୁଲି ନଯାନ୍ତି, ଏହି ପରିପ୍ରକାଶ ମଧ୍ୟ ସତ୍ୟ ଅଟେ । ଯଦି ଈଶ୍ୱରଙ୍କୁ ଭୁଲଯାଇ ହେବ ନାମ ଓ ରୂପ ଅବାସ୍ତବ ହୋଇପଡିବ କାରଣ ତାଙ୍କ ବିହୁନେ ସେଗୁଡିକର ସ୍ଥିତି ନାହିଁ । ଯେତେ ଶୂନକୁ ଏକାଠି ମିଶାଇଲେ ମିଶାଳ ଫଳ ହେବ ଶୂନ । ସେମାନଙ୍କ ପୂର୍ବରୁ ଏକ ସଂଖ୍ୟା ବସାଇଦେଲେ ସେମାନଙ୍କର ମୂଲ୍ୟ ବଢିଯାଏ । ଏହି ଏକ ସଂଖ୍ୟା ହି ଈଶ୍ୱର ।

ଥରେ ଜଣେ ଖ୍ରୀଷ୍ଟିଆନ୍ ଭକ୍ତ ଯିଶୁଖ୍ରୀଷ୍ଟଙ୍କ ସମ୍ପର୍କରେ କଥାବାର୍ତ୍ତା କରିବା ପାଇଁ ମାଷ୍ଟରଙ୍କ ପାଖକୁ ଆସିଥିଲେ । କଥାବାର୍ତ୍ତା କଲାବେଳେ ଲୋକଟିର ମୁଖମଣ୍ଡଳରେ ଧାର ଧାର ଲୁହ ବହିବାକୁ ଆରମ୍ଭ କଲା ଏବଂ ସେ ହଠାତ୍ ଭୂଇଁରେ ପଡିଯାଇ ସନ୍ଥଙ୍କ ପାଦଦୁଇଟିକୁ ଜାବୁଡି ଧରି ଚିତ୍କାର କଲା 'ମୁଁ ଆପଣଙ୍କ ଭିତରେ ଯୀଶୁଖ୍ରୀଷ୍ଟଙ୍କୁ ଦେଖିବାର ପାଇଛି ।' ଏକାଭଳି ମୁସଲମାନମାନେ ଆସିଲାବେଳେ ସନ୍ଥ ମହମ୍ମଦଙ୍କ ସହିତ ନିଜକୁ ଏତେ ସଂପୂର୍ଣ୍ଣ ଭାବେ ଚିହ୍ନଟ କରିନିଅନ୍ତି ଯେ ସେମାନେ ତାଙ୍କ ଭିତରେ ସେମାନଙ୍କ ପ୍ରଫେଟଙ୍କୁ ଦେଖିବାକୁ ପାଆନ୍ତି । ତଥାପି ଏହି ସମସ୍ତ ନିର୍ଭୁଲ ପ୍ରଦର୍ଶନ ପଛରେ ସର୍ବଦା ରହିଥାଆନ୍ତି । ସେହି ଜଣେ ରାମକୃଷ୍ଣ । ଏକ ପକ୍ଷରେ ତାଙ୍କ ମନ ସମଗ୍ର ଜଗତକୁ ଅତିକ୍ରମ କରି ଈଶ୍ୱରଙ୍କ ମଧ୍ୟରେ ବିଲୀନ ହୋଇଯାଇଥାଏ ଏବଂ ଅପରପକ୍ଷରେ, ସେ ମାନବିକ କ୍ରିୟାକଳାପ ଓ କଲ୍ୟାଣ ସମ୍ପର୍କରେ ଅନୁସନ୍ଧାନ କରୁଥାନ୍ତି । ତାଙ୍କ ସଂସ୍ପର୍ଶରେ ଆସି ଅନେକ ସନ୍ଦିଗ୍ଧଙ୍କ ଏବଂ ଅନେକ ପାପୀଙ୍କ ପାପ ଧୋଇ ହୋଇଯାଇଥିଲା । ତାଙ୍କ କଥୋପକଥନ ଏତେ ପ୍ରୀତିପ୍ରଦ ଓ ସମ୍ମୋହନକାରୀ ଥିଲା ଯେ ଏପରିକି ଦୁଃଖରେ ଅଭିଭୂତ ହୋଇ ପଡିଥିବା ଲୋକମାନେ ଅଳ୍ପ ମୁହୂର୍ତ୍ତ ମଧ୍ୟରେ ସେମାନଙ୍କ ଅସୀମ ଜଗତକୁ ଅସୀମର ବାର୍ତ୍ତା ନେଇ ଆସିଥାନ୍ତି ।

ଥରେ କେତେ ଜଣ ଭକ୍ତ ମାଷ୍ଟରଙ୍କୁ ପଚାରିଲେ, 'କେତେକ ଲୋକ କହନ୍ତି ଈଶ୍ୱର ନିରାକାର, ଅନ୍ୟମାନେ କହନ୍ତି ସେ ସାକାର ଏବଂ କେତେକ ତାଙ୍କୁ କୃଷ୍ଣ, ରାମ, ଶିବ ଓ କାଳି ଆଦି ନାମରେ ଡାକନ୍ତି, ତାଙ୍କର ପ୍ରକୃତ ସ୍ୱଭାବ କ'ଣ ଆପଣମାନଙ୍କୁ କହିବେ କି ? ମାଷ୍ଟର ସ୍ମିତହାସ୍ୟ ପ୍ରକାଶ କରି କହିଲେ, ବେଳେବେଳେ ସେ ସାକାର, ବେଳେବେଳେ ସେ ନିରାକାର ଏବଂ ପୁନଶ୍ଚ ସେ ଉଭୟର ବାହାରେ । ସେ ସର୍ବବ୍ୟାପୀ । ତାଙ୍କ ପ୍ରକୃତ ସ୍ୱଭାବକୁ ଆକଳନ କରି ସଠିକ୍ ନିରୂପଣ କରିବା କଷ୍ଟକର । ଠିକ୍ ଯେପରି ସୁନାକୁ ସୁନା ବ୍ୟତୀତ ଅନ୍ୟ କାହା ସହିତ ତୁଳନା କରାଯାଇପାରିବ ନାହିଁ, ଈଶ୍ୱରଙ୍କ ସମ୍ବନ୍ଧ ଆଉ କେହି ନାହାନ୍ତି । ସେ ସ୍ଥୁଳ ବସ୍ତୁର କାରଣ ତଥା ସୂକ୍ଷ୍ମ ମାନଓ ଓ ଚେତନା । ଉଦାହରଣ ସ୍ୱରୂପ, ଏହାର କଠିନ ରୂପରେ ଏକାବସ୍ତୁ ବରଫ ଖଣ୍ଡ, ତରଳ ରୂପରେ ଏହା ଜଳ ଏବଂ ବାଷ୍ପ ରୂପରେ ଏହା ଜଳୀୟ ବାଷ୍ପ । ଆଧାତ୍ମିକ ଉଚ୍ଚାଭିଳାଷୀର ମନୋଭାବ ଅନୁଯାୟୀ, ଈଶ୍ୱର ନିଜକୁ ପ୍ରକାଶ କରିଥାନ୍ତି । ଜଣେ ଜ୍ଞାନୀ ଈଶ୍ୱରଙ୍କୁ ସର୍ବବ୍ୟାପୀ, ସର୍ବଶକ୍ତିମାନ, ସର୍ବଜ୍ଞାତା ଓ ନିରାକାର ଶୂନ୍ୟବ୍ରହ୍ମ ରୂପେ ଅନୁଭବ କଲାବେଳେ ଜଣେ ଭକ୍ତ ତାଙ୍କୁ କେବଳ ଏକ ନିର୍ଦ୍ଦିଷ୍ଟ ରୂପରେ କଳ୍ପନା କରିଥାନ୍ତି । ମାଷ୍ଟର କହିଲେ : ମୁଁ ମାଆକୁ ଉଭୟ ମାର୍ଗରେ ଦେଖୁଛି । ସେ ଅଭିଭାଜ୍ୟ ସଚ୍ଚିଦାନନ୍ଦ ଏବଂ ପୁନଶ୍ଚ ସେ ତାଙ୍କ ସ୍ୱଇଚ୍ଛାରେ ବିଭିନ୍ନ ରୂପ ଧାରଣ କରିଥାନ୍ତି । ସେହି ବିଶ୍ୱ ଜନନୀ ମୁଁ ଜଣେ ନିରକ୍ଷର ବ୍ୟକ୍ତି ହେଲେ ମଧ୍ୟ ମୋ ତୁଣ୍ଡ ମାଧ୍ୟମରେ କଥା କହନ୍ତି, ପଛରେ ଥାଇ ମୋତେ ଜ୍ଞାନ ଦାନ କରିଥାନ୍ତି । ମା, ଶକ୍ତି ଓ ମାୟା- ଏହି ତିନି ଶବ୍ଦ ତାଙ୍କର ମହିମା ବର୍ଣ୍ଣନା କରିଥାଏ । କିନ୍ତୁ ପ୍ରତ୍ୟେକ ଶବ୍ଦ ଏକ ଭିନ୍ନ ଗୁଣ ଉପରେ ଗୁରୁତ୍ୱାରୋପ କରିଥାଏ । ମାୟା ତାଙ୍କ ଐନ୍ଦ୍ରଜାଲିକ ବିଭାବ-ଏହା ତାଙ୍କ ସୀମିତ ରୂପଗୁଡିକ ମଧ୍ୟରେ ଆବଦ୍ଧ ହୋଇ ରହିବାରେ ତାଙ୍କ ସାମର୍ଥ୍ୟକୁ ବୁଝାଇଥାଏ ଶକ୍ତି ତାଙ୍କ କ୍ଷମତା, ତେଜ କର୍ମ ଶକ୍ତିକୁ ବୁଝାଏ ଏବଂ ମାଆ ତାଙ୍କ ମାତୃତ୍ୱର ସୂଚନା ଦିଏ ।

ଥରେ ମାଷ୍ଟର ତାଙ୍କ ପରମାନନ୍ଦ ଅବସ୍ଥାରେ କହିଥିଲେ : 'ଯିଏ ଏଠାକୁ ଈଶ୍ୱର ଦର୍ଶନ, ଜ୍ଞାନ ଓ ଭକ୍ତି ପାଇଁ ଆସେ, ତାଙ୍କ ପ୍ରାର୍ଥନା ନିଶ୍ଚୟ ପୂରଣ ହେବ ।' ସେ କହିଥିଲେ ଈଶ୍ୱର ପ୍ରକୃତରେ ବିଦ୍ୟମାନ ଅଛନ୍ତି । ତୁମେ ସବୁ ଦିନରେ ତାରକା ଦେଖିପାରନାହିଁ କିନ୍ତୁ ତାର ଅର୍ଥ ନୁହେଁ ଯେ ତାରକା ପଙ୍କ୍ତି ଅବିଦ୍ୟମାନ । ଦୁଗ୍ଧରେ ଲହୁଣୀ ମିଶି ରହିଥାଏ କିନ୍ତୁ କେହି ଜଣେ ଦୁଗ୍ଧ ଦେଖି ଏହାକୁ ଦେଖିପାରିବ କି ? ଲହୁଣୀ ପାଇବାକୁ ହେଲେ ସୂର୍ଯ୍ୟୋଦୟ ପୂର୍ବରୁ ଗୋଟିଏ ଥଣ୍ଡା ଜାଗାରେ ତୁମକୁ ଦୁଗ୍ଧ ମନ୍ଥନ କରିବାକୁ ପଡିବ । ତୁମ ମନକୁ ଗୋଟିଏ ବନ୍‌ସୀ ଖଡା ପରି କର, ତୁମ ପ୍ରାଣ ଶକ୍ତିକୁ ବନ୍‌ସୀ କଣ୍ଟ ପରି କର, ତୁମ ବିଶ୍ୱାସ ଓ ଭକ୍ତି ବନ୍‌ସୀ ଖଡାରେ ଧରିବାକୁ ଥିବା ଥୋପ ପରି ହେବା ଉଚିତ ଏବଂ ସେହି ବାଟରେ ହିଁ ଜଣେ ଈଶ୍ୱର ଦର୍ଶନର ସୌଭାଗ୍ୟ ଅର୍ଜନ କରିପାରିବ । ତାଙ୍କ ନିଜ ଅନୁଭୂତି ସମ୍ପର୍କରେ ସେ ତାଙ୍କ ଶିଷ୍ୟ ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ କହିଥିଲେ : ଦିନେ ଏକ ବିଶେଷ ଘଟଣାରେ ମୁଁ କାଳୀ ମନ୍ଦିରରେ ଧ୍ୟାନ କରୁଥିବାବେଳେ ସମ୍ମୋହିତ ଅବସ୍ଥାରେ ଏକ ମାନସ ଚିତ୍ର ଦେଖିବାକୁ ପାଇଲି-ଗୋଟିକ ପରେ ଗୋଟିଏ ମାୟାର ଆବରଣ ଉଭେଇ ଯାଉଛି । ଅନ୍ୟ ଦୃଶ୍ୟପଟେ ସମୁଜ୍ଜ୍ୱଳ ରୂପାଲୋକକୁ ନିନ୍ଦୁଥିବା ବ୍ରହ୍ମାଲୋକ ଦିବ୍ୟ ଜନନୀ ସେହି ଅସୀମଲୋକରୁ ବାହାରି ପୁଣି ତାର ମୂଳ ଉତ୍ସରେ ଆଉଥରେ ଲୀନ ହୋଇଗଲେ । ମୁଁ ଅନୁଭବ କଲି, ନିରାକାର ବ୍ରହ୍ମ ସାକାର ହୋଇ ପୁନଶ୍ଚ ନିରାକାର ହୋଇଗଲେ ।

ଯେତେବେଳେ ତାଙ୍କ ପ୍ରିୟ ଶିଷ୍ୟ ଶ୍ରୀ ନରେନ୍ଦ୍ର (ସ୍ୱାମୀ ବିବେକାନନ୍ଦ) ଶ୍ରୀ ରାମକୃଷ୍ଣଙ୍କ ଆଗରେ ତାଙ୍କ ମାନସିକ ଦ୍ୱନ୍ଦ୍ୱ ଓ ବିଭ୍ରାନ୍ତି କଥା ପ୍ରକାଶ କଲେ, ମାଷ୍ଟର କହିଲେ :'ଯିଏ ଥିଲେ ରାମ, ଯିଏ ଥିଲେ କୃଷ୍ଣ, ବର୍ତ୍ତମାନ ସେ ଏ ଶରୀରରେ ରାମକୃଷ୍ଣ ରୂପେ ବିଦ୍ୟମାନ ।' ମାଷ୍ଟରଙ୍କ ସହିତ ତାଙ୍କର ପ୍ରଥମ ସମ୍ପର୍କ ପ୍ରତିଷ୍ଠା ହେବା ସମୟରେ ନରେନ୍ଦ୍ର ତାଙ୍କୁ ନିରୀକ୍ଷଣ କରିଥିଲେ ଏବଂ ପ୍ରକାଶ କରିଥିଲେ : ମୁଁ ବସିରହି ତାଙ୍କୁ ନିରୀକ୍ଷଣ କଲି । ଅନ୍ୟମାନଙ୍କ ପ୍ରତି ତାଙ୍କ ଭାଷା, ଗତିବିଧି ଓ ବ୍ୟବହାରରେ ସେପରି କୌଣସି ତ୍ରୁଟି ନଥିଲା । ବରଂ ତାଙ୍କ ଆଧାତ୍ମିକ ଭାଷା ଓ ପରମାନନ୍ଦ ଅବସ୍ଥାରୁ ମନେହୁଏ ସେ ଜଣେ ତ୍ୟାଗୀପୁରୁଷ । ତାଙ୍କ କଥା ଓ ଜୀବନ ମଧ୍ୟରେ ଥିଲା ଉଲ୍ଲେଖନୀୟ ସ୍ଥିରତା । ସେ ସବୁଠାରୁ ସରଳ ଭାଷା ବ୍ୟବହାର କରୁଥିଲେ ଏବଂ ମୁଁ ଭାବୁଥିଲି 'ଏ ମଣିଷଟି ଜଣେ ମହାନ୍ ଗୁରୁ ହୋଇପାରିବ କି । 'ମୁଁ ତାଙ୍କ ନିକଟରେ ନତ ଜାନୁ ହୋଇ ତାଙ୍କୁ ବାରମ୍ବାର ପ୍ରଶ୍ନ କରିଥିଲି : ମହାଭାଗ, ଆପଣ ଈଶ୍ୱରଙ୍କୁ ପ୍ରତ୍ୟକ୍ଷ କରିଛନ୍ତି କି ? ମୁଁ ଠିକ୍ ତୁମକୁ ଯେପରି ଦେଖୁଛି ତାଙ୍କୁ ସେହିପରି ଦେଖୁଛି, ସେ ବରଂ ଅଧିକ ତୀବ୍ରଭାବେ ଅନୁଭୂତ ହେଉଛନ୍ତି । ଈଶ୍ୱରୋପଲବ୍ଧି ସମ୍ଭବ ବୋଲି ସେ କହିଚାଲିଲେ । ମୁଁ ତୁମକୁ ଯେପରି ଦେଖୁଛି ଏବଂ ତୁମ ସହିତ କଥାବାର୍ତ୍ତା କରୁଛି, ଜଣେ ତାଙ୍କୁ ସେପରି ଦେଖିପାରିବ ଓ ତାଙ୍କ ସହିତ କଥାବାର୍ତ୍ତା କରିପାରି । କିନ୍ତୁ କିଏ ବା ଖାତିର କରୁଛି ? ଲୋକମାନେ ସେମାନଙ୍କ ସ୍ତ୍ରୀ, ପିଲାମାନଙ୍କ ପାଇଁ, ଧନସମ୍ପତ୍ତି ପାଇଁ ଅଜସ୍ର ଅଶ୍ରୁଧାରା ବୁହାଉଛନ୍ତି, କିନ୍ତୁ ଈଶ୍ୱରଙ୍କ ପାଇଁ କିଏ ସେପରି କରୁଛି/ଯଦି ଜଣେ ତାଙ୍କ ପାଇଁ ନିଷ୍ପାପର ଭାବେ ଅଶ୍ରୁ ବିସର୍ଜନ କରେ, ସେ ନିଶ୍ଚିତରୂପେ ତାଙ୍କୁ ଦେଖାଦେବେ । ତାହା ମୋତେ ତତ୍‌କ୍ଷଣାତ ମୁଗ୍ଧ କରିଥିଲା । ପ୍ରଥମଥର ପାଇଁ ମୁଁ ମଣିଷଙ୍କୁ ଦେଖିଲି ଯିଏ ସାହାସର ସହିତ କହିଲେ ମୁଁ ଈଶ୍ୱରଙ୍କୁ ଦେଖିଛି, ଧର୍ମ ଏକ ବାସ୍ତବତା, ଆମେ ସଂସାରକୁ ଉପଭୋଗ କରୁଥିବା ଭଳି ତା ଠାରୁ ଆହୁରି ତୀବ୍ରତର ଭାବେ ଅସୀମ କାଳପର୍ଯ୍ୟନ୍ତ ଧର୍ମକୁ ଅନୁଭବ କରିପାରିବା । ତାଙ୍କ ତୁଣ୍ଡରୁ ଏସବୁ କଥା ଶୁଣି ମୁଁ ବିଶ୍ୱାସ କରିପାରିଲି ନାହିଁ ଯେ ସେ ଜଣେ ସାଧାରଣ ପ୍ରଚାରକ ରୂପେ ଏସବୁ କଥା କହୁଛନ୍ତି, କିନ୍ତୁ ତାଙ୍କ ନିଜ ଉପଲବ୍ଧିର ଗଭୀରତା ମଧ୍ୟରୁ ହିଁ ଏହା କହୁଛନ୍ତି । କିନ୍ତ ମୋ ସହିତ ତାଙ୍କର ବିଚିତ୍ର ଆଚରଣରୁ ତାଙ୍କ କଥାର ମୁଁ ସଙ୍ଗତି ପ୍ରତିଷ୍ଠା କରିପାରିଲା ନାହିଁ । ତେଣୁ ମୁଁ ଏହି ସିଦ୍ଧାନ୍ତରେ ପହଞ୍ଚିଲି ଯେ ସେ ଜଣେ ଉନ୍ମାଦଗ୍ରସ୍ତ ବ୍ୟକ୍ତି । ତଥାପି ମୁଁ ତାଙ୍କ ତ୍ୟାଗର ବିଶାଳତାକୁ ସ୍ୱୀକାର ନକରି ରହିପାରିଲି ନାହିଁ । ମୁଁ ଚିନ୍ତା କଲି ସେ ଜଣେ ପାଗଳ ମଣିଷ ହୋଇଥାଇପାରନ୍ତି କିନ୍ତୁ ଅଳ୍ପ କେତେକ ।

ମାଷ୍ଟର ସବୁବେଳେ କହୁଥିଲେ ଯେ ତିନି ଆସକ୍ତି ମିଶି ଗୋଟିଏ ହୋଇଗଲେ ଈଶ୍ୱରରୋପାଲବ୍ଧି ସମ୍ଭବ ହୁଏ । ଅର୍ଥାତ୍, ଯେତେବେଳେ ଜଣେ ସତୀସାଧ୍ୱୀ ସ୍ତ୍ରୀର ତା ସ୍ୱାମୀ ପାଇଁ ଥିବା ଆସକ୍ତି, ଜଣେ ଜନନୀର ତାର ଶିଶୁ ସନ୍ତାନ ପ୍ରତି ଥିବା ଆସକ୍ତି ଏବଂ ଜଣେ ଧନୀକ କୃପଣ ବ୍ୟକ୍ତିର ତାର ଧନ ପ୍ରତି ଥିବା ଆସକ୍ତି- ଏହି ତିନି ଆସକ୍ତିର ମିଶ୍ରିତ ଶକ୍ତି ସହ କେହି ଈଶ୍ୱରଙ୍କୁ ଭଲ ପାଏ, ତାହାହେଲେ ସେ ଈଶ୍ୱରଙ୍କୁ ପାଇବା ନିଶ୍ଚିତ ହୋଇଯାଏ । ପୁରୁଷ ଓ ପ୍ରକୃତି ତତ୍ତ୍ୱ ଏବଂ ସୃଷ୍ଟିର କାରଣ ସମ୍ପର୍କରେ ମାଷ୍ଟର କହନ୍ତି, 'ଏହି ପ୍ରକଟିତ ବିଶ୍ୱବ୍ରହ୍ମାଣ୍ଡ ବାସ୍ତବ ଏବଂ ପୁନଶ୍ଚ ଅପ୍ରକଟିତ ବ୍ରହ୍ମାଣ୍ଡ ମଧ୍ୟ ସତ୍ୟ । ପୁରୁଷ (ଚେତନା ନିୟମ) ସତ୍ୟ ଅଟେ ଏବଂ ପ୍ରକୃତି (ଅଚେତନ ନିୟମ) ମଧ୍ୟ ସତ୍ୟ ଅଟେ । ତାଙ୍କ ମତରେ ବ୍ରହ୍ମ ଓ ଶକ୍ତି ଅଗ୍ନି ଓ ତାର ଜ୍ୱଳନ ଶକ୍ତି ପରି ଏକାକାର । 'ପ୍ରଚ୍ଛନ୍ନ ପ୍ରଭାବ ହିଁ କାରଣ ଏବଂ ପ୍ରକଟିତ କାରଣ ହିଁ ପ୍ରଭାବ ।' ତୁମେ ଗୋଟିକୁ ଜାଣିଲେ ଅନ୍ୟଟିକୁ ଜାଣିପାରିବ । ତୁମେ ଯଦି ବୀଜରେ ଅନ୍ତର୍ନିହିତ ଥିବା ସମ୍ଭବାନରୁ ଜାଣ, ଏହା କି ପ୍ରକାରର ବୃକ୍ଷ ଉତ୍ପାଦନ କରିବ ତୁମେ ସେ ଭବିଷ୍ୟବାଣୀ ଶୁଣାଇ ପାରିବ । ତୁମେ ଯଦି ଅଣ୍ଡାଟିକୁ ଜାଣିଛ, ପକ୍ଷୀଟିକୁ ଜାଣି । ଗତିଶୀଳ ହେଉ ବା ଅନ୍ତର୍ନିହିତ ହେଉ, କର୍ମଶକ୍ତି ତେଜସ୍ୱୀ ଓ ଶକ୍ତି ସମ୍ପନ୍ନ । ଏହାର ରୂପରେ କେବଳ ଭିନ୍ନତା ଦେଖାଯାଏ । ଏହାର ଅତ୍ୟନ୍ତ ଦାର୍ଶନିକ ତାତ୍ପର୍ଯ୍ୟ ଥିବା ସତ୍ତ୍ୱେ, ଅନୁପ୍ରେରଣା ଓ ଅଭିବ୍ୟକ୍ତିର ସଂଗଠିତ ଗୁଣ ଥିବା ଶ୍ରୀରାମକୃଷ୍ଣଙ୍କ ବାଣୀ ଥିଲା ଅତି ସରଳ । ଶିଷ୍ୟମାନଙ୍କୁ ତାଙ୍କ ପରାମର୍ଶ ଥିଲା : 'ମାୟା ବନ୍ଧନରୁ ଅଲଗା ହୋଇଯିବା ହିଁ ମୁକ୍ତି ବା ମୋକ୍ଷ ।' ବ୍ୟକ୍ତିତ୍ୱ ହେଉଛି ନିର୍ଦ୍ଦିଷ୍ଟ ଗୁଣାବଳୀ ସହିତ ଅହଂକାରର ଆତ୍ମ-ପରିଚିତ । ସବୁ ମଣିଷଙ୍କର ଅହଂକାର ଅଛି ଏବଂ ସେହି କାରଣରୁ ସବୁ ମଣିଷର ବ୍ୟକ୍ତିତ୍ୱ ରହିଛି । ସୁବ୍ୟବସ୍ଥିତ ବିଶ୍ୱ ବ୍ରହ୍ମାଣ୍ଡର ନିଜର ରହିଛି ଅନ୍ତିମ ବ୍ୟକ୍ତିତ୍ୱ, ପ୍ରକଟିତ ସ୍ଥିତିର ସମ୍ପୂର୍ଣ୍ଣତାର ଚରମ ଅଭିବ୍ୟକ୍ତି, ଅର୍ଥାତ୍ ଆଦ୍ୟ ଉପରେ ଆଦ୍ୟାଶକ୍ତି । ଅନ୍ୟମାନଙ୍କର ଦୋଷଦର୍ଶୀ ହୁଅନାହିଁ, ବରଂ ତୁମ ନିଜ ଦୋଷତ୍ରୁଟିକୁ ଦେଖ । ଜଣେ ସନ୍ୟାସୀ ପକ୍ଷୀ ପରି ହୋଇ ଭବିଷ୍ୟତ ପାଇଁ ତାଙ୍କ ସୃଷ୍ଟିର କିଛି ଦେଇଯାଇ ନପାରନ୍ତି । କାମନାର ବିନାଶରେ ସମାଧିର ଅୟମାରମ୍ଭ । ବିବିଧତା ସର୍ବୋତ୍କୃଷ୍ଟ ନିୟମ ।

ସେ କହିଥିଲେ : ସନ୍ଥ କବୀର ଯାହା କହିଛନ୍ତି ଶୁଣ କର 'ତୁମେ ସଂସାରକୁ ଆସିଲାବେଳେ କାନ୍ଦୁଥାଅ ଓ ଜଗତ ହସୁଥାଏ । ତୁମେ ତୁମ ଜୀବନକୁ ଏପରି ମାର୍ଗରେ ପରିଚାଳିତ କରିବା ଉଚିତ ଯଦ୍ୱାରା ତୁମେ ସଂସାର ତ୍ୟାଗ କରି ଗଲାବେଳେସମଗ୍ର ଜଗତ କାନ୍ଦିବ ଏବଂ ତୁମେ ହସିବ ।'

ଶ୍ରୀଚୈତନ୍ୟ ଥିଲେ ଦିବ୍ୟ ପ୍ରେମର ଏକ ଅବତାର । ସେ ଥିଲେ ପ୍ରେମାନନ୍ଦ ନିର୍ମଳ ଧାରା । ସେହିପରି ଶ୍ରୀ ଶଙ୍କର ଥିଲେ ଜ୍ଞାନର ପ୍ରତୀକ ଏବଂ ବୁଦ୍ଧ ଥିଲେ ତ୍ୟାଗର ପ୍ରତୀକ । କୃଷ୍ଣ ଥିଲେ ନିଃସ୍ୱାର୍ଥପର କର୍ମ ପଛରେ ପ୍ରଚାଳନକାରୀ ଆତ୍ମା ଏବଂ ସେ ସବୁ ଧର୍ମ ତଥା ଦର୍ଶନ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିଥିଲେ । ସେ ପ୍ରଦର୍ଶିତ କରି ଦେଇଥିଲେ ଯେ, କର୍ମ, ଜ୍ଞାନ, ଭକ୍ତି ଯୋଗ ଆଦି ସମସ୍ତ ତ୍ୟାଗ ଆଡକୁ ବାଟ କଢାଇ ନେଉଥିବା ପ୍ରକୃତ ସାଧନାର ଅଂଶବିଶେଷ ମାତ୍ର । ତ୍ୟାଗ ପରେ ଆସେ ଜ୍ଞାନ । ଶଙ୍କର ଏହି ଜ୍ଞାନକୁ ମାନବ ସମାଜକୁ ଆଣିଥିଲେ ଏବଂ ଜ୍ଞାନ ଆସିବାପରେ, ଚୈତନ୍ୟଙ୍କ ଦ୍ୱାରା ବିକଶିତ ପ୍ରେମ ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା । ସବୁ ପଥ ବିରୋଧାତ୍ମକ ଥିବାର ଭାବି ଲୋକମାନଙ୍କ ମନରେ ବିଭ୍ରାନ୍ତି ସୃଷ୍ଟି ହେଲା, କିନ୍ତୁ କରୁଣା ଓ ଜ୍ଞାନର ମଉଡମଣି, ଶ୍ରୀରାମକୃଷ୍ଣ ଏହି ସମସ୍ତ ବିରୋଧୋକ୍ତିକୁ ଦୂର କରି ଦେଇଥିଲେ ଏବଂ ଯୋଗ ଓ ଧର୍ମର ସବୁ ପଥ ମଧ୍ୟରେ ସଙ୍ଗତି ପ୍ରତିଷ୍ଠା କରିଥିଲେ ।

ଜଣେ ସିଦ୍ଧ ରୂପେ ଶ୍ରୀରାମକୃଷ୍ଣ ପାଇଁ ଧର୍ମ ଥିଲେ ବିଦ୍ୟାନନ୍ଦ ଓ ଉପାସନା ଭାବାତୀତ ଅନ୍ତର୍ଦୃଷ୍ଟି ଏବଂ ସଂସାରର ଅସତ୍ୟ ଓ ଶୂନ୍ୟତାର ସେ ଥିଲେ ଜଣେ ସାକ୍ଷୀ । ତାଙ୍କ ସିଦ୍ଧାନ୍ତ ଜ୍ଞାନୀ ହୃଦୟକୁ ଛୁଇଁ ପାରିଥିଲା । ତାଙ୍କ ଈଶ୍ୱର ବିନା ତାଙ୍କର ନଥିଲା ଅନ୍ୟ କୌଣସି ଭାବନା, ଅନ୍ୟ କୌଣସି ବୃତ୍ତି, ଅନ୍ୟ କୌଣସି ସମ୍ପର୍କ ଏବଂ ତାଙ୍କ ସରଳ ଜୀବନରେ ନଥିଲେ ଅନ୍ୟ କୌଣସି ବନ୍ଧୁ । ଈଶ୍ୱର ହିଁ ଥିଲେ ତାଙ୍କ ପାଇଁ ଆବଶ୍ୟକତା ଠାରୁ ଯଥେଷ୍ଟ ଅଧିକ । ତାଙ୍କ ନିଷ୍କଳଙ୍କ ପବିତ୍ରତା, ତାଙ୍କ ଗଭୀର ଅନିର୍ବଚନୀୟ ସୌଭାଗ୍ୟ, ତାଙ୍କ ଅବଳିତ ଅସୀମ ପ୍ରଜ୍ଞା, ତାଙ୍କ ଶିଶୁ ସୁଲଭ ପ୍ରଶାନ୍ତି, ସବୁ ମଣିଷଙ୍କ ପ୍ରତି ହିତକାରୀ ସ୍ନେହଶ୍ରଦ୍ଧା ଓ ଈଶ୍ୱରଙ୍କ ପ୍ରତି ତାଙ୍କର ଅତୁଟ ଅନାବିଳ ପ୍ରେମ ଥିଲା ସମୀମ ମାନବୀୟ ପ୍ରଜ୍ଞାର ବାହାରେ । ଆଲୋକ, ପ୍ରେମ, ସତ୍ୟ ଓ ଆନନ୍ଦର ଚିରନ୍ତନ ଓ ଅସୀମ ମହାସାଗରର ଆନନ୍ଦ ଧାରା ହୋଇଥିବା ସର୍ବବିଦ୍ୟମାନ ମାଷ୍ଟର ୧୮୮୬ ମସିହା ଅଗଷ୍ଟ ୧୬ରେ ତାଙ୍କ ମର ଶରୀର ତ୍ୟାଗ କରିଥିଲେ, କିନ୍ତୁ ସ୍ୱାମୀ ବିବେକାନନ୍ଦ ଗଭୀର ଆତ୍ମପ୍ରତ୍ୟୟର ସହ ପ୍ରକାଶ କରିଥିଲେ 'ଚାହିଁ ଦେଖ ଆମ ଶରୀରଗୁଡିକ ହିଁ ମାଷ୍ଟରଙ୍କର ଜୀବନ୍ତ ଉପାସନାସ୍ଥଳୀ ।' ପରବର୍ତ୍ତୀ ସମୟରେ ଏହା ବାସ୍ତବତା ପ୍ରତିପାଦିତ ହୋଇଥିଲା ।

ନାଥଯୋଗ ପରମ୍ପରା ଓ ଯୋଗୀରାଜ ଶିବ



ମୂଳହିନ୍ଦୀ : ଅବେଧ୍ୟନାଥ ମହାରାଜ
ଭାଷାନ୍ତର : ଡକ୍ଟର ଲାବଣ୍ୟଚନ୍ଦ୍ର ସାହୁ

ନାଥଯୋଗର ମୂଳ ଉପଦେଷ୍ଟା ହେଲେ ମହାଯୋଗୀ ଗୋରକ୍ଷନାଥ । ନାମଯୋଗର ପରମ୍ପରା କ୍ରମେ ନିମ୍ନୋକ୍ତ ଯୋଗୀମାନଙ୍କ ଗଣ ନାଥଧର୍ମର ପ୍ରଚାର ଓ ପ୍ରସାର କରି ଏକଦା ଧର୍ମ କ୍ଷେତ୍ରରେ ବିପ୍ଳବ ଆଣିଥିଲେ । ସେହି ମହାପୁରୁଷ ହେଲେ ମତ୍ସ୍ୟେନ୍ଦ୍ରନାଥ, ମହାଯୋଗୀ-ଗୋରଖନାଥ, ଜଳନ୍ଧର ନାଥ, ଯୋଗୀ ଭର୍ତ୍ତୃହରି, ଯୋଗୀ ଗୋପୀଚନ୍ଦ୍ର, ଚୌରଙ୍ଗୀନାଥ, ଚର୍ପଟୀନାଥ, ନାଗନାଥ, ଗମ୍ଭୀର ନାଥ, ସିଦ୍ଧପୁରୁଷ ଦିଗବିଜୟ ନାଥ । ଏମାନେ ହେଲେ ସିଦ୍ଧପୁରୁଷ । ଅଲେଖ ନିରଞ୍ଜନଙ୍କ ଆତ୍ମ ସାକ୍ଷାତଲାଭ କରିଥିଲେ । ଧରାପୃଷ୍ଠରେ ବିଶୃଙ୍ଖଳିତ ସମାଜକୁ ଶୃଙ୍ଖଳିତ କରିବା ପାଇଁ ଏବଂ ଲୋକ କଲ୍ୟାଣ ନିମିତ୍ତ ଏମାନେ ମର୍ତ୍ତ୍ୟଲୋକରେ ଅବତୀର୍ଣ୍ଣ ହୋଇଥିଲେ । ଭଗବାନ ସଦାଶିବ, ଜନକଲ୍ୟାଣ ଉଦ୍ଦେଶ୍ୟରେ ଶିବଯୋଗ ମହାବିଦ୍ୟା ଯାହାକି ଏକାନ୍ତ ଗୋପନୀୟ ଥିଲା, ତାହାର ରହସ୍ୟ ଭଗବତୀ ପାର୍ବତୀଙ୍କୁ ଶୁଣାଇଥିଲେ । ଶିବ ସଂହିତାର ଯଥାର୍ଥରେ କୁହାଯାଇଛି ଯେ, ଦ୍ୱୈତା ଦ୍ୱୈତ ବିବର୍ଜ୍ଜିତ, ଅଲେଖ ନିରଞ୍ଜନ ସ୍ୱରୂପ ଆଦି ଅନ୍ତଶୂନ୍ୟ ପରମତତ୍ତ୍ୱ, ଯୋଗଜ୍ଞାନରେ ପରିପୂର୍ଣ୍ଣ ଶ୍ରୀନାଥ ଅଟନ୍ତି । ସେ ପରମ ଶିବ ସ୍ୱରୂପ ଅଟନ୍ତି । ମହାଯୋଗୀ ଗୋରଖନାଥଙ୍କ ଅନୁସାରେ 'ଆଦିନାଥ-ଶିବ, ସୂକ୍ଷ୍ମ, ସ୍ଥୂଳ, ସମସ୍ତ ଭୌତିକ ପଦାର୍ଥର କାରଣ-ପରମେଶ୍ୱର ଅଟନ୍ତି । ଶକ୍ତି ଯୁକ୍ତ ହେତୁ, ଶିବ, ସର୍ବଦାସମର୍ଥ ଅଟନ୍ତି । ଶକ୍ତି ଓ ଶକ୍ତିମାନ ମଧ୍ୟରେ ଫରକ ନାହିଁ । ପରମଶିବ, ଅଲେଖ ନିରଞ୍ଜନଙ୍କ ଗୁଣତତ୍ତ୍ୱ ହେଲା- 'ସେ ଅଖଣ୍ଡ, ଶୁଦ୍ଧ ଚୈତନ୍ୟ, ସଚିଦାନନ୍ଦ ସ୍ୱରୂପ ପରଂବ୍ରହ୍ମ ଅଟନ୍ତି । ଏହି ଯୋଗୀରାଜଙ୍କୁ, ଯୋଗୀଗଣ ଧ୍ୟାନରେ ଦର୍ଶନ କରିଥାଆନ୍ତି 'ଗୋରଖ ସିଦ୍ଧାନ୍ତ ସଂଗ୍ରହ-୧'ରେ ଶିବଶକ୍ତି ଯୁକ୍ତ ନାଥଙ୍କୁ ସ୍ତବ କରାଯାଇଛି ଯଥା-

ନିର୍ଗୁଣଂ ବାମଭାଗେ ଚ
ସବ୍ୟଭାଗେଦ୍ଭୁତା ନିଜା
ମଧ୍ୟ ଭାଗେ ସ୍ୱୟଂ ପୂର୍ଣ୍ଣଃ ତସେ୍ମ
ନାଥାୟତେ ନମଃ'

ଅର୍ଥାତ୍ ଯାହାଙ୍କ ବାମଭାଗରେ ନିର୍ଗୁଣ ସ୍ୱରୂପ ବ୍ରହ୍ମ, ଦକ୍ଷିଣ ଭାଗରେ ଇଚ୍ଛାଶକ୍ତି (ପରମେଶ୍ୱରୀ-ପରାସ୍ଥା) ବିରାଜମାନ ଏବଂ ମଧ୍ୟ ଭାଗରେ ଅଖଣ୍ଡଶିବ ଅଲେଖ ନିରଞ୍ଜନ) ବିଦ୍ୟମାନ୍ ସେହି ଶ୍ରୀନାଥ ବା ଆଦିନାଥଙ୍କୁ ପ୍ରଣାମ କରୁଛି । ସ୍ଥୂଳତଃ ନାଥ ଯୋଗୀମାନେ ପରମତତ୍ତ୍ୱକୁ ଦ୍ୱୈତ-ଅଦ୍ୱୈତ ଭାବରେ ବିଭକ୍ତ ଭାବରେ ବିଭକ୍ତ ନକରି ଏକମାତ୍ର ଅଲଖ ନିରଞ୍ଜନର ସାଧକ ଅଟନ୍ତି ।

ଶ୍ରାବସ୍ତୀ, ୩୫, ବସନ୍ତ
ବିହାର, ଭୁବନେଶ୍ୱର-୧୮
ମୋ : ୮୮୯୫୪୮୭୧୬୨

Printed & Published by **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy**
E-mail : sambadkalikanews@gmail.com/sambadkalikaa@yahoo.com City Office : Plot No.354, Saheed Nagar
ସମ୍ପାଦକ : **ଜୟାଶୀଷ ରାୟ**